ଓଡ଼ ଚାଷ ସମୟରେ ପ୍ରୟୋଗ କଲେ ଶତକଡ଼ା ୨୦ ଭାଗ ଅଧିକ ଅମଳ ମିଳିଥାଏ । ଏଥିପାଇଁ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରାଯାଇପାରେ । ସିଙ୍ଗଲ ସୁପର ଫସଫେଟ୍ କିମ୍ବା ଚୂନ ପ୍ରୟୋଗ କରିଥିଲେ ଜିପ୍‌ସମ୍ ପ୍ରୟୋଗର ଆବଶ୍ୟକ ହୁଏ ନାହିଁ । ଡ଼ି.ଏ.ପି. ସାର ୨୫୦ ଗ୍ରାମ୍ ୧୫ ଲିଟର ପାଣିରେ ମିଶାଇ ଫୁଲ ଆସିବା ସମୟରେ ଥରେ ଏବଂ ଫଳ ଆସିବା ସମୟରେ ଆଉଥରେ ଫସଲରେ ସିଞ୍ଚନ କଲେ ଆଦାୟ ବଢ଼ିଥାଏ ।

**(୮) ଅନ୍ତଃଚାଷ :**

ମୁଗ ଗଛଗୁଡ଼ିକ ୨୦ ରୁ ୨୧ ଦିନ ହୋଇଗଲେ କୋଡ଼ାଖୁସା କରି ଘାସ ବଛା କାମ ସାରି ଦେବା ବିଧେୟ । ଆବଶ୍ୟକ ସ୍ଥଳେ ଗଛ ୩୦ ରୁ ୩୫ ଦିନର ହୋଇଗଲେ ଦ୍ୱିତୀୟ ଥର ଘାସ ବାଛି ଦେବା ଉଚିତ୍ । ଠିକ୍ ସମୟରେ ଘାସ ନ ବାଛିଲେ ଶତକଡ଼ା ୪୦ ଭାଗ ଅମଳ କମିଥାଏ । ଘାସବଛା ପାଇଁ ଅଧିକ ମଜୁରି ଲାଗୁଥିଲେ ଘାସମରା ଔଷଧ ବ୍ୟବହାର କରାଯାଇପାରିବ । ହେକ୍ଟର ପ୍ରତି ପେଣ୍ଡିମେଥାଲିନ୍ ବା ଷ୍ଟମ୍ପ ୨.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୧ ଦିନ ପରେ କିମ୍ବା ଗଜା ହେବା ପୂର୍ବରୁ ମାଟି ବତର ଥିବା ଅବସ୍ଥାରେ ସିଞ୍ଚନ କଲେ ଘାସ ବହୁତ କମ୍ ଉଠିଥାଏ । ଗଛ ୧୮-୨୦ ଦିନ ହୋଇଗଲେ ହେକ୍ଟର ପ୍ରତି ୧ ଲିଟର କୁଇଜାଲଫପ୍‌ଇଥାଇଲ୍ ୫୦୦ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରନ୍ତୁ ।



**(୯) ଜଳସେଚନ :**

**ବର୍ଷାଋତୁ :** ସାଧାରଣତଃ ବର୍ଷା ଋତୁରେ ଚାଷ କରାଯାଉଥିବା ମୁଗ ଫସଲ ଜଳ ସେଚନ ଆବଶ୍ୟକ କରିନଥାଏ । ବର୍ଷାଦିନେ ମୁଗ କିଆରିରୁ ଜଳ ନିଷ୍କାସନ କରିବାକୁ ହୁଏ ।

**ରବିଋତୁ :** ମାଟିରେ ଆବଶ୍ୟକ ପରିମାଣରେ ବତର ଥାଇ ବିହନ ବୁଣିଲେ ଭଲ ଗଜା ହୋଇଥାଏ । ପରବର୍ତ୍ତିକାଳରେ ବତର କମିଗଲେ ଫୁଲ ଭଲ ହୁଏ ନାହିଁ । ତେବେ ମାଟିରେ ଯଥେଷ୍ଟ ବତର ଥିବା ବେଳେ ଜଳସେଚନ କଲେ ଅମଳ କମିଥାଏ । ଏଣୁ ଡ଼ାଲି ଫସଲ ପାଇଁ ଆବଶ୍ୟକ ସ୍ଥଳେ ହାଲୁକା ଜଳସେଚନ ପ୍ରୟୋଗ କରିବା ଦରକାର । କେବଳ ଫୁଲ ଓ ଛୁଇଁ ସମୟରେ ଦୁଇଥର ଜଳସେଚନ କଲେ ଶତକଡ଼ା ୨୦-୪୦ ଭାଗ ଅମଳ ବୃଦ୍ଧି ପାଏ ।

**ଗ୍ରୀଷ୍ମଋତୁ :** ସାଧାରଣତଃ ଖରାଦିନେ ମୁଗ ଚାଷ କଲେ ଜଳସେଚନର ଆବଶ୍ୟକତା ପଡ଼ିଥାଏ । ମୁଗ ଫସଲ ପାଇଁ ଅତିକମ୍ ରେ ୪ଥର ହାଲୁକା ଜଳସେଚନ ଦରକାର । ପ୍ରତିଥର ୫ ସେ.ମି. ପାଣି ମଡ଼ାଯାଏ ।



**ପ୍ରଥମ ଜଳସେଚନ :** ବିହନ ବୁଣିବା ପରେ ପାଣି ସିଞ୍ଚନ କିମ୍ବା ବିହନ ବୁଣିବା ପୂର୍ବରୁ ଜମିକୁ ବତର ଆଣିବା ପାଇଁ ।

**ଦ୍ୱିତୀୟ :** ଗଛ ଗୁଡ଼ିକୁ ୩ ସପ୍ତାହ ହୋଇଗଲେ କୋଡ଼ାଖୁସା ସାରି ଦେଇ ପାଣି ମଡ଼ାଇବେ ।

**ତୃତୀୟ :** ଫୁଲ ଧରିବା ବେଳେ ।

**ଚତୁର୍ଥ :** ଫଳ ଧରିବା ବା ଛୁଇଁ ବଢ଼ିବା ବେଳକୁ ଶେଷ ଥର ପାଣି ଦିଆଯାଏ ।

**(୧୦) ଅମଳ :**

ମୁଗ ଛୁଇଁ ଅଧିକା ଶୁଖିଗଲେ ଗଛରେ ଫାଟିଯାଏ । ଛୁଇଁ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ଜମିରେ ଛାଟି ହୋଇ ପଡ଼ିଥାଏ । ଏଣୁ ଛୁଇଁ ୭୫-୮୦ ପ୍ରତିଶତ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ । ପାକଳ ଛୁଇଁ ତୋଳି ନେଇ ଗଛକୁ ମାଟିରେ ଚାଷ କରି ମିଶାଇ ଦେଲେ ଜମିର ଉର୍ବରତା ଶକ୍ତି ବଢ଼ିଥାଏ । ଏପରି ଉନ୍ନତ ପ୍ରଣାଳୀରେ ମୁଗ ଚାଷ କଲେ ହେକ୍ଟର ପିଛା ଆଦାୟ ୮-୧୦ କ୍ୱିଣ୍ଟାଲ ହୋଇଥାଏ ।



**(୧୧) ସାଇତା ପ୍ରଣାଳୀ :**

ଅମଳ ପରେ ବିହନକୁ ଭଲଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ବିହନରେ ଶତକଡ଼ା ୧୦-୧୨ ଭାଗରୁ କମ୍ ଜଳୀୟ ଅଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ ସୋରିଷ ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ । ଏହାଛଡ଼ା କ୍ୱିଣ୍ଟାଲ ପିଛା ୫ ମି.ଲି.ର ୩ଟି ଇ.ଡ଼ି.ବି. ଆମ୍ପୁଲ (ଇଥିଲିନ୍ ଡାଇବ୍ରୋମାଇଡ) ଡ୍ରମ୍ ଭିତରେ ଭାଙ୍ଗି ରଖିଲେ ସାଇତା ପୋକଙ୍କ ଦାଉରୁ ରକ୍ଷା ମିଳେ ।

**(୧୨) ନେଟ୍ ଆୟ :**

ମୁଗ କ୍ୱିଣ୍ଟାଲ ୫,୫୭୫ ଟଙ୍କା ଦରରେ ବିକିଲେ ଏକ ହେକ୍ଟରରୁ (୧୦ କ୍ୱିଣ୍ଟାଲ ଅମଳ ହିସାବରେ) ୫୫,୭୫୦ ଟଙ୍କା ମିଳିବ । ଚାଷବାସ ସମସ୍ତ ଖର୍ଚ୍ଚ ପ୍ରାୟ ୩୫,୦୦୦ ଟଙ୍କା ଯାଇ ହେକ୍ଟର ପ୍ରତି ୬୦-୬୫ ଦିନରେ ୨୦,୭୫୦ ଟଙ୍କା ଲାଭ ମିଳିପାରବ । ମୁଗ ଫସଲ ଚାଷ କଲେ ହେକ୍ଟର ପ୍ରତି ୧୨-୧୬ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପରବର୍ତ୍ତୀ ଫସଲକୁ ଉପଲବ୍ଧ ହୁଏ । ଏହା ସଙ୍ଗେ ସଙ୍ଗେ ମାଟିର ଅଙ୍ଗାରକ ଏବଂ ଯବକ୍ଷାରଜାନ ପରିମାଣ ବଢ଼ିଥାଏ ।

**ଆବଶ୍ୟକ ସୂଚନା :**

(୧) ଉନ୍ନତ, ଅଧିକ ଅମଳକ୍ଷମ ଓ ଋତୁ ନିର୍ଦ୍ଦିଷ୍ଟ ନିରୋଳା ବିହନର ବ୍ୟବହାର ।

(୨) ଧାଡ଼ିବୁଣା ଓ ୨-୩ ସପ୍ତାହ ମଧ୍ୟରେ ଘାସ ବଛା ।

(୩) ଅମ୍ଳମାଟିରେ ଚୂନ ବ୍ୟବହାର ।

(୪) ଅନୁମୋଦିତ ଫସ୍‌ଫେଟ୍ ସାର ବ୍ୟବହାର ।

(୫) ବିହନ ବିଶୋଧନ ଓ ଉପଚାର ।

(୬) ଫୁଲ ଧରିବା ସମୟରେ ଏବଂ ଏହାର ୧୫ ଦିନ ପରେ ଶତକଡ଼ା ୨ ଭାଗ ଡ଼ି.ଏ.ପି ସାର ସିଞ୍ଚନ ।

(୭) ଠିକ୍ ସମୟରେ ପୋକରୋଗ ଦମନ ।

# ବୈଜ୍ଞାନିକ ପଦ୍ଧତିରେ ମୁଗ ଚାଷ

ICARDA
Science for Better Livelihoods in Dry Areas




**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା**
**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,**
**ଏବଂ**
**ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ**

International Center for Agricultural Research in the Dry Areas (ICARDA)
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

# ମୁଗ

**ଉପକ୍ରମ :**

ଓଡ଼ିଶାରେ ଶସ୍ୟ ଜାତୀୟ ଫସଲ ପରେ ଡ଼ାଲି ଜାତୀୟ ଫସଲ ଦ୍ୱିତୀୟ ମୁଖ୍ୟ ଫସଲ ହିସାବରେ ୨୦.୮୧ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଏ । ପ୍ରତି ହେକ୍ଟର ପିଛା ଆଦାୟ ହାରାହାରି ୫୦୮ କି.ଗ୍ରା. ହିସାବରେ ୧୦.୫୭ ଲକ୍ଷ ଟନ୍ ଡ଼ାଲି ଆଦାୟ ହୋଇଥାଏ । କିନ୍ତୁ ଆମ ରାଜ୍ୟର ଆଦାୟ ସର୍ବଭାରତୀୟ ଆଦାୟ ଠାରୁ ହେକ୍ଟର ପ୍ରତି ହାରାହାରି ୨୩୬ କି.ଗ୍ରା. କମ୍ ଅଟେ ।

ଆମ ରାଜ୍ୟର ମୋଟ ଚାଷ ଜମିର ଶତକଡ଼ା ୨୪.୪ ଭାଗ ଜମିରେ ଡ଼ାଲି ଫସଲ ଚାଷ କରାଯାଇଥାଏ । ଡ଼ାଲି ଫସଲରୁ କମ୍ ଆଦାୟ ଆମ ପାଇଁ ଏକ ଆହ୍ୱାନ ଅଟେ । ଆମ ରାଜ୍ୟରେ ମୁଖ୍ୟତଃ ମୁଗ, ବିରି, ହରଡ଼, କୋଳଥ, ବୁଟ, ମସୁର, ମଟର, ଝୁଡ଼ଙ୍ଗ ଡ଼ାଲି ଫସଲ ଚାଷ କରାଯାଇଥାଏ । ଏମାନଙ୍କ ମଧ୍ୟରୁ ମୁଗର ବିସ୍ତୃତି ୮.୬୯ ଲକ୍ଷ ହେକ୍ଟର ଓ ମୋଟ ଉତ୍ପାଦନ ୪.୧୪ ଲକ୍ଷ ଟନ୍ ଅଟେ । ତେଣୁ ରାଜ୍ୟର ଉତ୍ପାଦନକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ବୈଜ୍ଞାନିକ ପଦ୍ଧତିରେ ମୁଗ ଚାଷ କରିବା ଉଚିତ୍ ।

**(୧) ମୃତ୍ତିକା ଓ ଜଳବାୟୁ :**

ବିଭିନ୍ନ ପ୍ରକାର ମାଟିରେ ମୁଗ ଚାଷ ହେଉଥିଲେ ମଧ୍ୟ ଦୋରସା, ଲାଲ ଦୋରସା, ମଟାଳ ଦୋରସା ଡ଼ିପ ଓ ମଧ୍ୟମ ଜମିରେ ମୁଗ ଚାଷ ଭଲ ହୁଏ । ବର୍ଷାଦିନେ ନିଗିଡ଼ା ମାଟି ଓ ଶୀତ ତଥା



ଖରାଦିନେ ଜଳ ଧାରଣା ଶକ୍ତି ଅଧିକ ଥିବା ମାଟି ଦରକାର । ମାଟିର ଉର୍ବରତା, ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସ ମଧ୍ୟମ ଧରଣର ହେବା ଆବଶ୍ୟକ । ଉତ୍ତାପ ୨୦ ଡ଼ିଗ୍ରୀ ସେ. ରୁ କମ୍ ରହିଲେ ମୁଗଚାଷ ଭଲ ହୋଇନଥାଏ । ମୁଗ ଚାଷ ପାଇଁ ମାଟିର ଅମ୍ଳତା ୫.୬ ରୁ ୭.୫ ମଧ୍ୟରେ ରହିଲେ ମୁଗଚାଷ ଭଲ ହୁଏ ।

ମୁଗ ଚାଷ ପାଇଁ ଉଷ୍ମ ଜଳବାୟୁ ଦରକାର । ସମୁଦ୍ର ପତନ ଠାରୁ ୨୦୦୦ ମିଟର ପର୍ଯ୍ୟନ୍ତ ଏହା ଚାଷ କରାଯାଇଥାଏ । ଏହି ଗଛର ଚେର ଗଭୀରକୁ ପ୍ରବେଶ କରୁଥିବାରୁ ମରୁଡ଼ି ସହ୍ୟ କରିପାରେ । ଅଧିକ ଶୀତ ପଡୁଥିବା ସ୍ଥାନରେ ଏହା ଚାଷ କରାଯାଇପାରିବ ନାହିଁ ।

**(୨) ଜମି ପ୍ରସ୍ତୁତି :**

ଜମିକୁ ଭଲ ଭାବରେ ୨/୩ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରିବା ଦରକାର । ହେକ୍ଟର ପିଛା ୧୨ ଶଗଡ଼ କମ୍ପୋଷ୍ଟ ଖତ ବା ଗୋବର ଖତ ଏବଂ ଅନୁମୋଦିତ ସାର ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରି ମାଟିରେ ମିଶାଇ ଦେବା ଦରକାର । ଜମିରେ ଜଳନିଷ୍କାସନର ସୁବିଧା ଥିବା ଆବଶ୍ୟକ । ଧାନ ପରେ ମୁଗ ଚାଷ କରୁଥିଲେ ଧାନ ମୂଳି ମାଟିରେ ମିଶିଯିବା ଦରକାର । ତେଣୁ ଧାନ ମୂଳି ୧୦-୧୨ ସେ.ମି. ମଧ୍ୟରେ ରଖି ଧାନ କାଟନ୍ତୁ ।

**(୩) ବିହନ ପରିମାଣ ଓ ବୁଣା :**

ବର୍ଷା ଋତୁରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଓ ଅନ୍ୟ ଋତୁରେ ୨୫-୩୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ଧାନ କାଟିବା ପୂର୍ବରୁ ଅମୁହାଁ ଫସଲ ରୂପେ ମୁଗ ବୁଣୁଥିଲେ ହେକ୍ଟର ପ୍ରତି ୩୭ ରୁ ୪୦ କି.ଗ୍ରା. ବିହନ ବ୍ୟବହାର କରିବା ଉଚିତ ।

## ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା ଅନ୍ତର୍ଭୂକ୍ତ ପରୀକ୍ଷାମୂଳକ ଉନ୍ନତ ମୁଗ କିସମ

| କିସମ | ଅବଧି(ଦିନ) | ଉଦ୍‌ଭବରାଜ୍ୟ | ଅମଳ(କୁଇଣ୍ଟାଲ) | ବିଶେଷ ଗୁଣାବଳୀ |
|---|---|---|---|---|
| ଡ଼ି.ଜି.ଜି.ଭି.-୨ | ୭୦-୭୫ | କର୍ଣ୍ଣାଟକ | ୧୨ | ଲମ୍ବା ଛୁଇଁ । ଜଉପୋକ ସହନଶୀଳ । |
| ବି.ଜି.ଏସ.-୯ | ୭୦ | କର୍ଣ୍ଣାଟକ | ୧୨ | ଲମ୍ବା ଛୁଇଁ । ଜଉପୋକ ସହନଶୀଳ । ଗ୍ରୀଷ୍ମଋତୁ ପାଇଁ ଉଦ୍ଦିଷ୍ଟ । |
| ପୁସା ବିଶାଲ୍ | ୬୫-୭୦ | ନୂଆଦିଲ୍ଲୀ | ୧୧ | ବଡ଼ ଆକୃତି ମଞ୍ଜି । ପତ୍ର ଚିତା ରୋଗ ସହନଶୀଳ । ଗ୍ରୀଷ୍ମଋତୁ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ । |
| ଏମ.ଏଚ.-୪୨୧ | ୬୦୬୫ | ହରିୟାଣା | ୧୦-୧୨ | ସାହେବୀ ରୋଗ ନିରୋଧକ । ବର୍ଷା, ବସନ୍ତ ଋତୁ ପାଇଁ ଉଦ୍ଦିଷ୍ଟ । |
| ଆଇ.ପି.ଏମ. ୦୨-୧୪ | ୭୦ | ଉତ୍ତର ପ୍ରଦେଶ | ୯-୧୧ | ସାହେବୀ ରୋଗ ନିରୋଧକ । ବଡ଼ ଆକୃତି ମଞ୍ଜି । ବସନ୍ତ ଓ ଗ୍ରୀଷ୍ମ ଋତୁ ପାଇଁ ଉଦ୍ଦିଷ୍ଟ । |
| ପନ୍ତ ମୁଗ-୫ | ୭୫-୮୦ | ଉତ୍ତରାଖଣ୍ଡ | ୧୦ | ସାହେବୀ ରୋଗ ନିରୋଧକ । |
| ସୁକୁମାର | ୭୦ | ପଶ୍ଚିମବଙ୍ଗ | ୯ | ସାହେବୀ ରୋଗ ନିରୋଧକ । |
| ନିଆଳି ମୁଗ | ୭୦ | ଓଡ଼ିଶା | ୭-୮ | ସ୍ଥାନୀୟ କିସମ । |

**(୪) ବୁଣିବା ସମୟ :**

ବର୍ଷାଋତୁ ପାଇଁ : ଜୁଲାଇ ମାସ ୨୦-୨୫ ତାରିଖ ମଧ୍ୟରେ ବୁଣିଲେ ଅଧିକ ଅମଳ ମିଳିଥାଏ । ଏହା ପୂର୍ବରୁ ବୁଣିଲେ ଛୁଇଁ ପାକଳ ହେବା ବେଳକୁ ବର୍ଷା ଖାଇ ନଷ୍ଟ ହୁଏ ଏବଂ ପରେ ବୁଣିଲେ ବର୍ଷା ପାଣି ଗଛ ଗୁଡ଼ିକ ବୃଦ୍ଧିରେ ବାଧା ସୃଷ୍ଟି କରେ ଏବଂ ବିଭିନ୍ନ ପୋକରୋଗ ଗଛକୁ ଆକ୍ରମଣ କରିଥାଏ ।

**ପ୍ରାକ୍ ରବି :-** ସେପ୍ଟେମ୍ବର (୧ ତାରିଖ ଠାରୁ ୧୫ ତାରିଖ ମଧ୍ୟରେ) ମାସରେ ବୁଣିଲେ ଭଲ ଅମଳ ମିଳିଥାଏ ।

**ରବି :-** ଅକ୍ଟୋବର ରୁ ନଭେମ୍ବର ପ୍ରଥମାର୍ଦ୍ଧରେ ବୁଣାଯାଏ । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଡ଼ିସେମ୍ବର ପ୍ରଥମାର୍ଦ୍ଧ ମଧ୍ୟରେ ବୁଣାଯାଇପାରିବ ।

**ଗ୍ରୀଷ୍ମ:-**ଜଳସେଚନର ସୁବିଧା ଥିଲେ ଗ୍ରୀଷ୍ମ ଋତୁରେ ମୁଗ ଚାଷ କରିବା ଉଚିତ୍ । ଫେବୃୟାରୀ ୨୦ ତାରିଖରୁ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ମୁଗ ବୁଣିବା ପାଇଁ ଉପଯୁକ୍ତ ସମୟ ।ଏହା ଠାରୁ ଡ଼େରି କଲେ ଅମଳ ବହୁତ ପରିମାଣରେ କମିଯାଏ ଏବଂ ବର୍ଷା ଦ୍ୱାରା ନଷ୍ଟ ହେବାର ସମ୍ଭାବନା ଅଧିକ ଥାଏ ।

**(୫) ବିହନ ବିଶୋଧନ ଓ ବୀଜାଣୁ କଲ୍‌ଚର୍‌ର ପ୍ରୟୋଗ :**

ଏକ କିଲୋଗ୍ରାମ୍ ବିହନ ସହିତ ୩ଗ୍ରାମ୍ ଥିରାମ କିମ୍ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିହନକୁ ବିଶୋଧନ କରିବା ଉଚିତ । ବିହନକୁ ବିଶୋଧନ କରି ବୁଣିଲେ ବିହନ ଜନିତ ରୋଗର ପ୍ରାଦୁର୍ଭାବ କମିଥାଏ । ବିହନ ବିଶୋଧନର ୭ ଦିନ ପରେ ବୀଜାଣୁ କଲ୍‌ଚର ପ୍ରୟୋଗ କରିବା ବିଧେୟ । ବିହନକୁ ବୀଜାଣୁ କଲ୍‌ଚରରେ ଗୋଳାଇ ବୁଣିଲେ ଚେରରେ ଭାତୁଡ଼ି ସଂଖ୍ୟା ବଢ଼ିଥାଏ ଓ ମଞ୍ଜିରୁ ଭଲ ଗଜା ବାହାରେ । ଅମଳ ଶତକଡ଼ା ୧୫ରୁ ୨୦ ଭାଗ ଅଧିକ ହୋଇଥାଏ । ଏଥିପାଇଁ ହେକ୍ଟର ପ୍ରତି ଲାଗୁଥିବା ୨୫ କି.ଗ୍ରା ବିହନ ସହିତ ୬୨୫ ଗ୍ରାମ୍ ରାଇଜୋବିୟମ୍, ୬୨୫ ଗ୍ରାମ୍ ପି.ଏସ୍.ବି. , ୧୦ ଗ୍ରାମ୍ ସୋଡ଼ିୟମ୍ ମଲିବିଡେଟ, ୧୨୫ ଗ୍ରାମ୍ ଗୁଡ଼ ଓ ୮୦୦-୧୦୦୦ ମି.ଲି. ପାଣି ସହିତ ଭଲ ଭାବରେ ମିଶାଇ ମଣ୍ଡ କରନ୍ତୁ । ସେହି ମଣ୍ଡରେ ୨୫ କେ.ଜି. ବିହନକୁ ଭଲ ଭାବରେ ଗୋଳାଇ ଦିଅନ୍ତୁ : ଯେପରି କଲଚର୍ ମଣ୍ଡ ପ୍ରତ୍ୟେକ ବିହନ ଉପରେ ଲାଗିବ । ଏହି ବିହନକୁ ପରିଷ୍କାର ସିମେଣ୍ଟ ଚଟାଣ କିମ୍ବା ପଲିଥିନ୍ ଉପରେ ଛାଇରେ ଶୁଖିବାକୁ ଦିଅନ୍ତୁ । ବୁଣିବା ଦିନ ଉପରବେଳା ଥଣ୍ଡା ସମୟରେ ବିହନ ଉପଚାର କରି ବିହନକୁ ଜମିରେ ବୁଣନ୍ତୁ ।

**(୬) ବିହନ ବୁଣା**

ମାଟିକୁ ଭଲ ଭାବରେ ସମତୁଲ କରି ବିହନକୁ ଧାଡ଼ିରେ ବୁଣିବେ । ରବି ଋତୁରେ ବିହନ ବୁଣିବା ପରେ ମଇ ମାରିଦେଲେ ମଂଜି ମାଟିର ନିବିଡ଼ ସ୍ପର୍ଶରେ ଆସି ଭଲ ଅଙ୍କୁରୋଦଗମ୍ ହୋଇଥାଏ । ଧାଡ଼ିରେ ବୁଣିଲେ ଅନାବନା ଘାସ ନିୟନ୍ତ୍ରଣ ଓ କୋଡାଖୋସା କରିବା ପାଇଁ ସୁବିଧା ହୋଇଥାଏ ଏବଂ ଶତକଡ଼ା ୧୫ ଭାଗ ଅଧିକ ଅମଳ ମିଳିଥାଏ । ତା'ଛଡ଼ା ଧାଡ଼ିରେ ବୁଣିଲେ ଗଛ ସଂଖ୍ୟା ଠିକ୍ ରହେ । ବର୍ଷା ଋତୁରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଏବଂ ପ୍ରାକ୍ ରବି, ରବି ଓ ଗ୍ରୀଷ୍ମ ଋତୁରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ବ୍ୟବଧାନରେ ତଥା ୫ ସେ.ମି. ଗଭୀରରେ ବିହନ ବୁଣିବା ବିଧେୟ । ଗଛ ଗଜା ହେବାର ୭-୮ ଦିନ ପରେ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ପତଳା କରିଦେବା ଉଚିତ୍ । ଉଠି ନଥିବା ଜାଗାରେ ଗଜା ହୋଇଥିବା ମଂଜି ବୁଣି ଶୂନ୍ୟସ୍ଥାନ ପୂରଣ କରିବା ବିଧେୟ । ଫଳରେ ଜମିରେ ବର୍ଗମିଟର ପ୍ରତି ୪୦ଟି ଗଛ ରହିବ ଓ ଆଦାୟ ଭଲ ହେବ । ପ୍ରତି ତିନିବର୍ଷ ଅନ୍ତରରେ ହେକ୍ଟର ପାଇଁ ୨୫୦ କି.ଗ୍ରା. ଚୂନ କିମ୍ବା ୧୦୦ କି.ଗ୍ରା. କାଗଜ କଳ ମଇଳା ବିହନ ବୁଣିବାର ୩୦ ଦିନ ପୂର୍ବରୁ ମାଟିରେ ପ୍ରୟୋଗ କରି ଭଲ ଭାବରେ ମିଶାଇ ଦିଅନ୍ତୁ । ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ନିମ୍ବ ପିଡ଼ିଆ ମାଟିରେ ପ୍ରୟୋଗ କରି ମିଶାଇ ଦେବା ଦରକାର । ଅମୁହାଁ ଫସଲ ହିସାବରେ ଧାନ କାଟିବା ପୂର୍ବରୁ ମୁଗ ବିହନ ଛାଟି ଦିଅନ୍ତୁ । ବତର କମ୍ ଥିଲେ ବିହନକୁ ୫-୬ ଘଣ୍ଟା ପାଣିରେ ବତୁରାଇ ଧାନ ଜମିରେ ଛାଟି ଦେଲେ ଶୀଘ୍ର ଗଜା ବାହାରିଥାଏ । ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ ଓ ମାଟି କାଦୁଅ ଥିବା ଅବସ୍ଥାରେ ମଞ୍ଜିକୁ ଛାଟନ୍ତୁ ।

**(୭) ସାର ପ୍ରୟୋଗ :**

ମାଟି ପରୀକ୍ଷା କରି ଫସଲକୁ ସାର ଦେବା ଉଚିତ । ଆବଶ୍ୟକ ସ୍ଥଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ କିମ୍ବା ୧୦୦ କି.ଗ୍ରା. ଡ଼ି.ଏ.ପି. ସାର ପ୍ରୟୋଗ କରନ୍ତୁ । ବିହନ ବୁଣିବା ସମୟରେ ହେକ୍ଟର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ ବା ୨୫ କି.ଗ୍ରା. ୟୁରିଆ ସାର ଓ ୨୫୦ କି.ଗ୍ରା ସିଙ୍ଗଲ ସୁପର ଫସଫେଟ ସାର କିମ୍ବା ୧୦୦ କି.ଗ୍ରା ଡ଼ି.ଏ.ପି. ସାର ଏବଂ ୨୦ କିଲୋଗ୍ରାମ୍ ପଟାସ୍ (୩୩ କିଲୋଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍) ପ୍ରୟୋଗ କରିବା ଉଚିତ । ଏହାଛଡ଼ା ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ଶେଷ

